ସର୍ବସାଧାରଣ
sarbasadharana
ସୋମବାର, ୧୦ ଜୁନ୍ ୨୦୧୯
୪

# 'ଜିଏସ୍‌ଟି-ଆନୁଆଲ୍ ରିଟର୍ଣ୍ଣ ଓ ଅଡିଟ୍' ଉପରେ ଆଲୋଚନା

ଭୁବନେଶ୍ୱର(ବ୍ୟୁରୋ): ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ 'ଜିଏସ୍‌ଟି-ଆନୁଆଲ ରିଟର୍ଣ୍ଣ ଓ ଅଡିଟ୍' ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ର ସିଏମ୍‌ଏ ଭବନରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆଲୋଚନାଚକ୍ରର ଉଦ୍‌ଘାଟନ କରିଥିଲେ। ସିଏ ବିବେକ ଜଲାନ୍ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଚାପ୍ଟର ଅଧ୍ୟକ୍ଷ ସିଏମ୍‌ଏ ଶକ୍ତିଧର ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସିଏମ୍‌ଏ ହିମୋଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଏମ୍‌ଏ ମୁକେଶ ଚୌବେ ଏହାର ପରିଚାଳନା କରିଥିଲେ। ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସିଏମ୍‌ଏ ଉକ୍ତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

Scanned by CamScanner